# କୃଷି ସୂଚନା ସେବା (ଧାନ)

## ୨୦୨୬ ମସିହା ଅଗଷ୍ଟ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା

### ରୁଆ ଧାନ :

- ଅଗଷ୍ଟ ମାସ ଦ୍ୱିତୀୟ ପକ୍ଷ ଶେଷ ସୁଦ୍ଧା ତଳି ରୁଆ ଶେଷ କରି ଦିଅନ୍ତୁ ।
- ମଧ୍ୟମ ଓ ବିଳମ୍ବ କିସମ ପାଇଁ ଏକର ପିଛା ( ୪ କେ.ଜି. ୟୁରିଆ + ୩୫ କି.ଗ୍ରା. ଡି.ଏ.ପି + ୨୭ କି.ଗ୍ରା ଏମ୍.ଓ.ପି) କିମ୍ବା (୧୮ କି.ଗ୍ରା ୟୁରିଆ + ୧୦୦ କି.ଗ୍ରା. ଏସ୍.ଏସ୍.ପି. + ୨୭ କି.ଗ୍ରା ଏମ୍.ଓ.ପି) ଶେଷ ଓଡ କାଦୁଅ କରିବା ସମୟରେ ମୂଳସାର ଭାବେ ପ୍ରୟୋଗ କରନ୍ତୁ । ସଅଳ କିସମ ପାଇଁ ଏକର ପିଛା (୨୧ କି.ଗ୍ରା. ୟୁରିଆ + ୩୫ କି.ଗ୍ରା. ଡି.ଏ.ପି.+ ୨୭ କି.ଗ୍ରା. ଏମ୍.ଓ.ପି.) କିମ୍ବା ୨୭ କି.ଗ୍ରା.ୟୁରିଆ + ୧୦୦ କି.ଗ୍ରା. ଏସ୍.ଏସ୍.ପି.) + ୨୭ କି.ଗ୍ରା. ଏମ୍.ଓ.ପି) ମୂଳସାର ଭାବେ ପ୍ରୟୋଗ କରନ୍ତୁ ।
- ସଙ୍କରଜାତୀୟ ଧାନ କିସମ ପାଇଁ (୩୨ କି.ଗ୍ରା. ୟୁରିଆ+୫୩ କି.ଗ୍ରା. ଡି.ଏ.ପି. + ୪୦ କି.ଗ୍ରା. ଏମ୍.ଓ.ପି.) କିମ୍ବା (୫୨ କି.ଗ୍ରା. ୟୁରିଆ + ୧୫୦ କି.ଗ୍ରା. ଏସ୍.ଏସ୍.ପି. + ୪୦ କି.ଗ୍ରା. ଏମ୍.ଓ.ପି.) ମୂଳସାର ଭାବେ ଶେଷ ଓଡ କାଦୁଅ କରିବା ସମୟରେ ପ୍ରୟୋଗ କରନ୍ତୁ ।
- ଯେଉଁ ଜମିରେ ବୋରନ୍‌ର ଅଭାବ ଥାଏ ସେଠାରେ ଏକର ପିଛା ବୋରାକ୍ସ ୪ କି.ଗ୍ରା. ଶେଷ ଓଡ଼ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।
- ଅଧିକ ଅମଳକ୍ଷମ ଧାନର ୨୫ ରୁ ୩୦ ଦିନର ତଳି ୨୦ X ୧୫ ସେ.ମି. ବ୍ୟବଧାନରେ ବୁଦା ପ୍ରତି ୨-୩ ଟି ତଳିରୁଅନ୍ତୁ ଏବଂ ସଙ୍କରଜାତୀୟ ଧାନ ବୁଦା ପ୍ରତି ୧-୨ ଟି ତଳିରୁଅନ୍ତୁ ।
- ବିଳମ୍ବରେ ଧାନ ତଳି ରୋଇବାର ଥିଲେ ଚାଷୀଭାଇମାନେ କମ୍ ଦିନିଆ ମଧ୍ୟମ କିସମର ୨୫ ରୁ ୩୦ ଦିନିଆ ତଳି କିମ୍ବା ଅଧିକ ଦିନିଆ କିସମର ୪୫ ରୁ ୫୦ ଦିନିଆ ତଳି ରୋଇପାରିବେ । ଅଧିକ ଦିନିଆ ତଳିକୁ ୧୫ ଢ ୧୫ ସେ.ମି. ବ୍ୟବଧାନରେ ୪ ରୁ ୫ ଟି ତଳି ଅଳ୍ପ ଗଭୀରରେ ରୋଇବା ଉଚିତ୍ ।
- ଘାସ ନିୟନ୍ତ୍ରଣ ପାଇଁ ଏକର ପିଛା ୪ କି.ଗ୍ରା. ଘାସମରା ଦାନାଦାର ବେନ୍‌ସଲଫ୍ୟୁରାନ୍ ମିଥାଇଲ ୦.୬% + ପ୍ରେଟିଲାକ୍ଲୋର ୬% ଜି.ଆର୍. ସହିତ ୪ କି.ଗ୍ରା ବାଲି ମିଶାଇ ଧାନ ତଳି ରୋଇବାର ୫ ରୁ ୧୦ ଦିନ ପରେ ପ୍ରୟୋଗ କରନ୍ତୁ କିମ୍ବା ଘାସ ଗଜା ହେବାର ୮ ରୁ ୧୦ ଦିନ ପରେ ଅର୍ଥାତ୍ ଘାସ ୨-୩ ଟି ପତ୍ର ହୋଇଥିବା ଅବସ୍ଥାରେ ୧୨୦ ମି.ଲି. ବିସ୍‌ପାଇରିବାକ୍‌ସୋଡିୟମ୍ ୧୦% ଏସ୍.ସି. ୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟରରେ ୮ ଟାଙ୍କି ଦ୍ରବଣ ପ୍ରୟୋଗ କରନ୍ତୁ କିମ୍ବା ଏକର ପିଛା ୯୦୦ ମି.ଲି. ପେନୋକ୍ସୁଲମ୍ + ସାଇହାଲୋଫପ୍ ବ୍ୟୁଟାଇଲ୍ (ଭିଭାୟ) କିମ୍ବା ଏକର ପିଛା ୨୪୦ ଗ୍ରାମ୍ ଫେନୋକ୍ସାପ୍ରୋ-ପି-ଇଥାଇଲ + ୫୦ ଗ୍ରାମ୍ ଇଥୋକ୍ସିସଲଫ୍ୟୁରାନ୍ (ରାଇସ୍‌ଷ୍ଟାର + ସନ୍‌ରାଇଜ୍) ଧାନ ବୁଣିବାର ୧୫ ରୁ ୨୦ ଦିନରେ ୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟର୍‌ରେ ୮ ଟାଙ୍କି ଦ୍ରବଣ ପ୍ରୟୋଗ କରନ୍ତୁ ।
- ଯଦି ତଳିଘରାରେ ଉକୁଣିଆ ପୋକ ଦେଖାଯାଏ ତେବେଏକର ପ୍ରତି NSKE (ଆଜାଡିରାକ୍ଟିନ୍ ୦.୧୫%) ୮୦୦ ମି.ଲି. ଏକର ପ୍ରତି ଏକ ଲିଟର କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ଯଦି ତଳିଘରାରେ ଉକୁଣିଆ ପୋକ ଦେଖାଯାଏ ତେବେ ଏକର ପ୍ରତି ନିମ୍ବ ମଞ୍ଜିରୁ ତିଆରି ୧ ଲିଟର ଆଜାଡିରାକ୍ଟିନ୍

କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୫ % ଇ.ସି. ୧୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲୁ.ଜି ୪୦ ଗ୍ରାମ୍ ପ୍ରୟୋଗ କରନ୍ତୁ ।

- କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡା ପୋକର ପ୍ରାଦୁର୍ଭାବ ନିରୀକ୍ଷଣ କରିବା ପାଇଁ ଏକ ଏକର ତଳିଘରା ପିଛା ୪-୫ ଟି ଫେରୋମୋନ୍ ଯନ୍ତା /ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପୋକ ଗୋଟିଏ ଦିନରେ ପଡନ୍ତି, ତେବେ ଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ ୦.୧୫% ଇ.ସି. କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୦.୪% ଜି.ଆର୍. ସହିତ ବାଲି ସମାନ ଭାବରେ ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. କିମ୍ବା ୧୦୦-୧୨୦ ମି.ଲି. ଟେଟ୍ରାନିଲିପ୍ରୋଲ ୨୦୦ ଏସ୍.ସି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡାଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହି ପୋକର ପ୍ରାର୍ଦୁଭାବ ସମ୍ଭାବନା ଥିବା ଅଂଚଳରେ ୨୦,୦୦୦ ଅଣ୍ଡା ଥିବା ୩ଟି ଟ୍ରାଇକୋଗାମା ଜାପୋନିକ୍ କାର୍ଡ ୭ ରୁ ୧୦ ଦିନ ଅନ୍ତରାଳରେ ପ୍ରୟୋଗ କରନ୍ତୁ ।
- ଧାନବୁଦା ପ୍ରତି ଯଦି ୨ଟି ମୋଡାପତ୍ର ଦେଖାଯାଏ, ତେବେ ପତ୍ରମୋଡା ପୋକର ନିୟନ୍ତ୍ରଣ ପାଇଁ ଏକର ପିଛା ୬୦ ମି.ଲି . କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. କିମ୍ବା ୧୦୦-୧୨୦ ମି.ଲି. ଟେଟ୍ରାନିଲିପ୍ରୋଲ ୨୦୦ ଏସ୍.ସି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡାଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
- ସଂବାଳୁଆ କିମ୍ବା ନଳୀପୋକ ଦେଖାଦେଲେ ଏକର ପିଛା ୫୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. କିମ୍ବା ୮୦୦ ମି.ଲି. କୁଇନାଲଫସ୍ ୨୫% ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
- ମାଟିଆଗୁଣ୍ଡି ପୋକ(ଚକଡାପୋକ) ବୁଦାପ୍ରତି ୫-୧୦ଟି ପୋକ ଦେଖାଦେଲେ ଜମିର ସୂକ୍ଷ୍ମ ପରିବେଶକୁ ପରିବ୍ର୍ତନ କରନ୍ତୁ ଯେପରିକି କ୍ରମାଗତ ଭାବେ ମାଟି ଓଦା ଓ ଶୁଖିଲା ରହିବ । ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନ ରହିବା ଦରକାର । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. ୯୪.୫ ମି.ଲି. କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି. ୧୨୦ ଗ୍ରାମ୍ କିମ୍ବା ୬୦-୮୦ ଗ୍ରାମ୍ ଡିନୋଟେଫ୍ୟୁରାନ୍ ୨୦% ଏସ୍.ଜି. କିମ୍ବା ୨୦୦-୩୦୦ ମି.ଲି. ଇଥୋଫେନୋପ୍ରକ୍ସ ୧୦% ଇ.ସି. କିମ୍ବା ୪୦୦ ଗ୍ରାମ୍ ଏସିଫେଟ୍ ୭୫% ଏସ୍.ପି. କିମ୍ବା ୪୦୦-୬୦୦ ମି.ଲି. ଫିପ୍ରୋନିଲ୍ ୫% ଏସ୍.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଚକଡା ପୋକ ସମୟରେ ଯବକ୍ଷାରଜାନ ଯୁକ୍ତ ସାର ପ୍ରୟୋଗ ନକରି ସଦା ସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।
- ପତ୍ରାଚ୍ଛଦ ପୋଡା ରୋଗ ଦମନ କରିବା ପାଇଁ ଟେବୁକୋନାଜୋଲ୍ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. ୦.୪ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୭୫% ୧ ମି.ଲି. ଏକ ଲିଟର ପାଣିରେ କିମ୍ବା ହେକ୍ସାକୋନାଜଲ ୫୦% ୨ ମି.ଲି. କିମ୍ବା ଭାଲିଡାମାଇସିନ୍ ୩ ଏଲ୍ ୨ ମି.ଲି.ଏକ ଲିଟର ପାଣିରେ ମିଶାଇ ୭-୧୦ ଦିନ ଅନ୍ତରରେ ଦୁଇଥର ସିଂଚନ କରନ୍ତୁ । ଏକ ଲିଟର ପ୍ରତି ୨୦୦ ଲିଟର ଦ୍ରବଣ ପ୍ରୟୋଗ କରନ୍ତୁ ।
- ଧାନ ଗଛରେ ପତ୍ରପୋଡା/ପତ୍ରାଗାର ରୋଗ ଦେଖା ଦେଲେ ୧ ଲିଟର ପାଣିରେ କପର୍ ଅକ୍ସିକ୍ଲୋରାଇଡ୍ ୧ ଗ୍ରାମ୍ ସହିତ ପ୍ଲାଂଟୋମାଇସିନ୍ ୧ ଗ୍ରାମ୍ ମିଶାଇ ସିଂଚନ କରନ୍ତୁ । ଏକ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ ।
- ମହିଷା ରୋଗ ଦେଖା ଦେଲେ ଏକ ଲିଟର ପାଣିରେ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% (ନାଟିଭୋ ୭୫% ଡବ୍ଲୁ.ଜି.) ୦.୪ ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୫୦ ଡବ୍ଲୁ.ପି ୨ ଗ୍ରାମ୍ ହିସାବରେ ସିଂଚନ କରନ୍ତୁ ।
- ନତୁବା ଏକ ଲିଟର ପାଣିରେ ସତେଜ ବେଲ ପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ତୁଳସୀ ପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ନିମ୍ବ ପତ୍ର ବଟା (୨୦୦ ଗ୍ରାମ୍ ପତ୍ର) ମିଶାଇ ସିଂଚନ କରନ୍ତୁ ।

******